ଅରବିନ୍ଦ ୟାଦବ

ବନାମ

ରମେଶ କୁମାର ଏବଂ ଅନ୍ୟମାନେ

ଏପ୍ରିଲ 28,2003

[ୱାଇ. କେ. ସଭରୱାଲ ଏବଂ ଏଚ. କେ. ସେମା, ନ୍ୟାୟାମୂର୍ତ୍ତି ଦ୍ୱୟ]

*ମଧ୍ୟପ୍ରଦେଶ ସର୍ତ୍ତମୂଳକ କଏଦୀ ଖଲାସ ଅଧିନିୟମ, 1954 ଏବଂ ଏହା ଅଧୀନରେ ଥିବା ନିୟମାବଳୀ :*

*ହତ୍ୟା - ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ - ଉଚ୍ଚ ନ୍ୟାୟାଳୟ ରେ ଆବେଦନ ବିଚାରାଧୀନ ଥିବା ବେଳେ , ଅଭିଯୁକ୍ତଙ୍କ ଦ୍ୱାରା ସର୍ତ୍ତମୂଳକ ସାମୟିକ ଖଲାସ ନିମନ୍ତେ ନିବେଦନ ଦାଖଲ କରାଗଲା – ପରଖ ମଣ୍ଡଳୀ , ଦୋଷୀ ଖଲାସ ନ ହେବାକୁ ଏକ ଆଦେଶ ଦେଲେ - ଏହାକୁ ରାଜ୍ୟ ଦ୍ୱାରା ସୁନିଶ୍ଚିତ କରାଗଲା - ସେହି ଆଦେଶକୁ ଆପତ୍ତି କରାଗଲା,- ଏହାକୁ ଉଚ୍ଚ ନ୍ୟାୟାଳୟଙ୍କର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଖାରଜ କରାଗଲା - କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇ ଜଣିଆ ଖଣ୍ଡପୀଠ ଉକ୍ତ ଖାରଜ ଆଦେଶକୁ ଓଲଟାଇ ଦେଇ ଅଭିଯୁକ୍ତ ମାନଙ୍କୁ ଖଲାସ କରିବା ପାଇଁ ଏହି ଆଧାରରେ ନିର୍ଦ୍ଦେଶ ଦେଲେ ଯେ ପରଖ ମଣ୍ଡଳୀ, ଏହାର ବୁଦ୍ଧି ପ୍ରୟୋଗ କରିନଥିଲେ ଏବଂ ମନମୁଖୀ ଭାବରେ କାର୍ଯ୍ୟ କରିଥିଲେ - ଆବେଦନ ଉପରେ ରାୟ ଦିଆଗଲା ଯେ : ପରଖ ମଣ୍ଡଳୀର ସୁପାରିଶ ଏବଂ ରାଜ୍ୟ ସରକାରଙ୍କ ସେହି ସୁପାରିଶକୁ ଅନୁମୋଦନ ଉପରେ ସାମୟିକ ଭାବେ ମୁକ୍ତ ହେବା ବ୍ୟତୀତ ଅଭିଯୁକ୍ତମାନଙ୍କର ମୁକ୍ତ ହେବାର କୌଣସି ଅଖଣ୍ଡନୀୟ ଅଧିକାର ନାହିଁ - କର୍ତ୍ତୃପକ୍ଷ/ସଦସ୍ୟମାନଙ୍କ ବ୍ୟକ୍ତିଗତ ସୁପାରିଶଗୁଡ଼ିକର କୌଣସି ରୂପେ ଫଳପ୍ରଦ ନୁହେଁ - ଖଲାସ ନିମିତ୍ତ ସୁପାରିଶ କରିବା/ନ କରିବା ପୂର୍ବରୁ ରାଜ୍ୟ ସରକାର/ପରିଷଦ ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ବିଚାର କରନ୍ତି - ସୁପାରିଶରେ ତ୍ରୁଟି ଦେଖି ଉଚ୍ଚ ନ୍ୟାୟାଳୟ ମାମଲାଟିର ପୁଣି ଥରେ ବିଚାର ପାଇଁ ରାଜ୍ୟ ସରକାର/ପରିଷଦ ନିକଟକୁ ପୁନଃପ୍ରେରଣ କରି ପରିଥାନ୍ତେ ଏବଂ ଦୃଢ ଯୁକ୍ତିଯୁକ୍ତ* କାରଣ ଛଡ଼ା ତଥ୍ୟ ଗୁଡ଼ିକର ଯାଞ୍ଚ କରିବାରୁ ଏହା ନିଜକୁ ଦୂରେଇ ରଖିପାରିଥାନ୍ତେ - ନିର୍ଦ୍ଦେଶ ଜାରି କରାଗଲା - ଧାରା 302,304,307,325,394 ଏବଂ 498-A ।

ଉତ୍ତରଦାତା ହେଉଛନ୍ତି ଏକ ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ, ଯିଏକି ଦୌରା ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଏହି ଦୋଷୀ ସାବ୍ୟସ୍ତିକରଣ ବିରୁଦ୍ଧରେ ଏକ ଆବେଦନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିଲା । ଇତି ମଧ୍ୟରେ ମଧ୍ୟପ୍ରଦେଶ ସର୍ତ୍ତମୂଳକ କଏଦୀ ଖଲାସ ଅଧିନିୟମ ଏବଂ ନିୟମାବଳୀର ପ୍ରାବଧାନଗୁଡ଼ିକ ଅନୁଯାୟୀ ସାମୟିକ ଭାବେ ଖଲାସ ହେବାକୁ ଦୋଷୀଙ୍କ ଦ୍ୱାରା ଏକ ଆବେଦନ ଦାଖଲ କରାଗଲା , କିନ୍ତୁ ପରଖ ମଣ୍ଡଳୀ ଦୋଷୀଙ୍କର ଖଲାସ ନିମିତ୍ତ କୌଣସି ସୁପାରିଶ କଲେ ନହିଁ । ଏହି ସୁପାରିଶ ଆଦେଶକୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଗଲା । ଉତ୍ତରଦାତା ଏବଂ ଅନ୍ୟ ଦୋଷୀମାନେ ଏହି ଆଦେଶକୁ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କର ଏକକ ନ୍ୟାୟାମୂର୍ତ୍ତି ଏହି ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଲେ । ସାମୟିକ ଖଲାସ ନିମିତ୍ତ ସୁପାରିଶ ନକରି ପରଖ ମଣ୍ଡଳୀ ପକ୍ଷରୁ କୌଣସି ବୁଦ୍ଧି ପ୍ରୟୋଗ କରଯାଇନଥିଲା ଏବଂ ମନମୁଖୀ କାର୍ଯ୍ୟ କରାଯାଇଥିବାରୁ ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ ଦୋଷୀମାନଙ୍କୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ତେଣୁ ବର୍ତ୍ତମାନର ଏହି ଆବେଦନଗୁଡ଼ିକ ।

ଆବେଦନଗୁଡ଼ିକୁ ଅନୁମତି ଦେଇ ଏହି ନ୍ୟାୟାଳୟ ରାୟ ଦେଲେ ଯେ :

**1.1.**ବ୍ୟକ୍ତିଗତ ମାମଲାର ତଥ୍ୟ ଯାଞ୍ଚ ନକରି ଉଚ୍ଚ ନ୍ୟାୟାଳୟ ଧରି ନେଲେ ଯେ ଜିଲ୍ଲା ଦଣ୍ଡାଧିକାରୀ, ଆରକ୍ଷୀ ଅଧୀକ୍ଷକ ଏବଂ ପଞ୍ଚାୟତ ଅଭିଯୁକ୍ତ ମାନଙ୍କର ସର୍ତ୍ତମୂଳକ ଖଲାସ ନିମିତ୍ତ ସୁପାରିଶ କଲେ କିନ୍ତୁ ଉକ୍ତ ପରିଷଦ କୌଣସି କାରଣ ଉଲ୍ଲେଖ ନ କରି ଏହି ସୁପାରିଶକୁ ଗ୍ରହଣ କଲେ ନାହିଁ ଏବଂ ରାଜ୍ୟ ସରକାର ଉକ୍ତ ପରିଷଦର ଆଦେଶକୁ ଗ୍ରହଣ କଲେ ଏବଂ ଉକ୍ତ ପରିଷଦର ଆଦେଶକୁ ଗ୍ରହଣ କରି ରାଜ୍ୟ ସରକାରଙ୍କ ଆଦେଶରୁ ଏଠାରେ କୌଣସି ବୁଦ୍ଧି ପ୍ରୟୋଗ କରାଯାଇନଥିବାର ଏବଂ ମନମୁଖୀ କାର୍ଯ୍ୟ କରାଯାଇଥିବାର ଅଭିଯୋଗ ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ; ଯେହେତୁ ନୂତନ ବିଚାର ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ମାମଲାଟିକୁ ପୁନଃ ପ୍ରେରଣ କରାଯିବା ଦ୍ୱାରା ଯଥେଷ୍ଟ ବିଳମ୍ବ ହୋଇଥାନ୍ତା ଏବଂ ଦୋଷୀମାନଙ୍କ ପ୍ରତି ଆହୁରି ଅଧିକ ଅନ୍ୟାୟ ହୋଇଥାନ୍ତା , ତେଣୁ ରାଜ୍ୟ ସରକାରଙ୍କ ନିକଟକୁ ମାମଲାଟିକୁ ପୁନଃ ପ୍ରେରଣ କରିବା ପରିବର୍ତ୍ତେ , ଅଧିକାର ପତ୍ର ଆବେଦନଗୁଡ଼ିକରେ ଉଚ୍ଚ ନ୍ୟାୟାଳୟ ଏକ ସମାବିଷ୍ଟ ଆଦେଶରେ ପ୍ରତ୍ୟେକ ଆବେଦନକାରୀମାନଙ୍କର ଖଲାସ ନିମିତ୍ତ ନିର୍ଦ୍ଦେଶ ଦେଲେ । ଏହି ମାମଲାରେ ପ୍ରତ୍ୟେକ ଦୋଷୀ ଗୁରୁତର ଅପରାଧ ଘଟାଇଥିବାରୁ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ କାରାଗାରରେ ସେମାନେ ନିଜ ନିଜ ଦଣ୍ଡ ଭୋଗୁଥିଲେ । ଏହି ସମସ୍ତ ମାମଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ

କରାଯାଇଥିବା ସର୍ତ୍ତମୂଳକ ଖଲାସ ପରିଷଦର ଆଦେଶ ଦୋଷୀମାନଙ୍କୁ ମୁକ୍ତ କରିବା ବିରୋଧରେ ଥିଲା । ଯଦି ପ୍ରାସଙ୍ଗିକ ବିଚାର ପାଇଁ କୌଣସି ବୁଦ୍ଧି ପ୍ରୟୋଗ କରାଯାଇନଥାନ୍ତା, ତେବେ ଏହି କ୍ଷେତ୍ରରେ ଅନ୍ୟ ଉପଯୁକ୍ତ ଉପାୟ ଏହା ହୋଇଥାନ୍ତା ଯେ ଯଦି ଅନ୍ୟଥା ଏହା ଦୃଢ ଯୁକ୍ତିଯୁକ୍ତ କାରଣ ଥିବା ଏକ ଅସାଧାରଣ ମାମଲା ନୁହେଁ ତେବେ କର୍ତ୍ତୃପକ୍ଷ ମାନଙ୍କ ଦ୍ୱାରା ଏହାର ନୂତନ ନିଷ୍ପତ୍ତି ପାଇଁ ଏହାକୁ ପୁନଃପ୍ରେରଣ କରାଯାଇଥାନ୍ତା , ତେଣୁ ଉଚ୍ଚ ନ୍ୟାୟାଳୟ ସ୍ୱୟଂ ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ଯାଞ୍ଚ କରିଥିବେ ଏବଂ ଖଲାସକୁ ପ୍ରତ୍ୟାଖ୍ୟାନ କରିଥିବା ଆଦେଶକୁ ରଦ୍ଦ କରିଥିବେ । ଏହା ପରିବର୍ତ୍ତେ, ଉଚ୍ଚ ନ୍ୟାୟାଳୟ ଏକ ସାଧାରଣ ମନ୍ତବ୍ୟ ଦେଇଛନ୍ତି ଯେ ନୂତନ ବିଚାର ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ମାମଲା ପୁନଃପ୍ରେରଣ ଦ୍ୱାରା ଦୋଷୀମାନଙ୍କ ପ୍ରତି ଆହୁରି ଅନ୍ୟାୟ ହେବ ।

**1.2.**ଆକ୍ଷେପିତ ରାୟରେ ତଥ୍ୟଗତ ଦୁର୍ବଳତା ରହିଛି । ଏହା ମଧ୍ୟ ଧ୍ୟାନରେ ରଖିବା ଉଚିତ ଯେ ଦୋଷୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପୀଡିତମାନେ ଏବଂ ପୀଡିତାମାନଙ୍କ ପରିବାରଗୁଡ଼ିକର ମଧ୍ୟ କିଛି ଅଧିକାର ରହିଛି । ଦୋଷୀମାନଙ୍କର ଖଲାସ ହେବାର କୌଣସି ଅକ୍ଷମଣୀୟ ଅଧିକାର ନାହିଁ । ସାମୟିକ ଭାବେ ସେମାନଙ୍କର ଖଲାସ ହେବାର ଅଧିକାରକୁ ମଧ୍ୟପ୍ରଦେଶ ସର୍ତ୍ତମୂଳକ କଏଦୀ ଖଲାସ ଅଧିନିୟମ ଏବଂ ନିୟମାବଳୀ ଅନୁଯାୟୀ ବିଚାର କରିବାକୁ ହେବ । ଜଣେ ଦୋଷୀଙ୍କୁ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେବା କିମ୍ବା ପ୍ରତ୍ୟାଖ୍ୟାନ କରିବା ପୂର୍ବରୁ ସର୍ତ୍ତମୂଳକ ଖଲାସ ପରିଷଦ ଏବଂ ରାଜ୍ୟ ସରକାର ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ବିଚାରକୁ ନେବା ଆବଶ୍ୟକ । ପରଖ ମଣ୍ଡଳୀ ଖଲାସ ପାଇଁ ସୁପାରିଶ କରିନଥିଲେ । ରାଜ୍ୟ ସରକାର ପରଖ ମଣ୍ଡଳୀର ଆଦେଶକୁ ସୁନିଶ୍ଚିତ କରିଥିଲେ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଥିଲା ଯେ ଉତ୍ତରଦାତା ଅନ୍ୟ ଛଅ ଜଣଙ୍କ ସହ ଏକ ବେଆଇନ ଜନ ସମାବେଶ କରିଥିଲେ ଏବଂ ମୃତକଙ୍କୁ ଖଣ୍ଡା, ଛୁରୀ ଏବଂ ଗୁପ୍ତିରେ 17 ଟି ଆଘାତ କରି ହତ୍ୟା କରିଥିଲେ ଏବଂ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଦାଖଲ ହୋଇଥିବା 14 ଟି ମାମଲାରେ ଉତ୍ତରଦାତା ଅଭିଯୁକ୍ତ ଥିଲେ । ଅପରାଧ ଘଟାଇବାର ଶୈଳୀ ହେଉଛି ଏକ ପ୍ରାସଙ୍ଗିକ ବିଚାର । ଯେହେତୁ ଅପରାଧ ଘଟାଇବାର ଶୈଳୀ ଏତେ ନିର୍ମମ ଥିଲା ଯେ ଦୋଷୀଙ୍କୁ ସାମୟିକ ଭାବେ ଖଲାସ କରିବା ନିମିତ୍ତ ପ୍ରତ୍ୟାଖ୍ୟାନ କରିବା ପାଇଁ ଏହା ଏକ ଉତ୍ତମ ଏକମାତ୍ର ଆଧାର ହୋଇପାରେ ।

**1.3.**ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ପୃଥକ ଭାବରେ ବିଚାର କରିବାକୁ ପଡିବ । ସେହିଭଳି, ଉକ୍ତ ପରିଷଦର ଜଣେ ସଦସ୍ୟ କିମ୍ବା ଜିଲ୍ଲା ଦଣ୍ଡାଧିକାରୀ କିମ୍ବା ଆରକ୍ଷୀ ଅଧୀକ୍ଷକ କିମ୍ବା ପଞ୍ଚାୟତ ଦୋଷୀ ମାନଙ୍କୁ ସାମୟିକ ଭାବେ ଖଲାସ କରିବା ପାଇଁ ସୁପାରିଶ କରିଥିବାର

**କୌଣସି ପ୍ରଭାବ ନାହିଁ । ଏହି ଦୋଷୀ ମାନଙ୍କୁ ଖଲାସ କରା ନାଯିବାର ଆଦେଶ ହେଉଛି ଉକ୍ତ ପରିଷଦର, ଏହା ବ୍ୟକ୍ତିଗତ ସଦସ୍ୟଙ୍କର ନୁହେଁ , ତେଣୁ ସମସ୍ତ ପ୍ରାସଙ୍ଗିକ କାରକକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବାକୁ ପଡିବ । ରାଜ୍ୟ ସରକାର ଏବଂ ପରିଷଦ , କେବଳ ଦୋଷୀଙ୍କ ଆଚରଣକୁ ବିଚାରକୁ ନେବେ ତା ନୁହେଁ, ଦୋଷୀଙ୍କ ପୂର୍ବବର୍ତ୍ତୀ ଅପରାଧିକ ଘଟଣା, ପୀଡ଼ିତ କିମ୍ବା ସେମାନଙ୍କ ପରିବାର ଉପରେ ଏପରି ଖଲାସର ପ୍ରଭାବ; ଦୋଷୀଙ୍କ ଆହୁରି ଅଧିକ ଅପରାଧ ଘଟାଇବାର ପ୍ରବୃତ୍ତି ଏବଂ ପ୍ରାସଙ୍ଗିକ ବୋଲି ବିବେଚନା କରାଯାଉଥିବା ଅନ୍ୟାନ୍ୟ ଅନୁରୂପ କାରକଗୁଡ଼ିକ ମଧ୍ୟ ବିଚାରକୁ ନେବାକୁ ପଡ଼ିବ । କେବଳ ମାତ୍ର ଅନ୍ୟ ଏକ ଦୃଷ୍ଟିକୋଣ ସମ୍ଭବ ହୋଇଥିବାରୁ ରାଜ୍ୟ ସରକାରଙ୍କ ଆଦେଶରେ ହସ୍ତକ୍ଷେପ କରାଯାଇପାରିବ ନାହିଁ ।**

**1.4.ଦୋଷୀମାନଙ୍କୁ କାରାଗାରକୁ ଫେରାଇ ନେଇ ମାମଲାର ଯୋଗ୍ୟତା ଉପରେ ଉଚ୍ଚ ନ୍ୟାୟାଳୟ କିମ୍ବା ଏହି ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନ ଦ୍ୱାରା ପ୍ରଭାବିତ ନହୋଇ ଏବଂ ଆଇନ ଅନୁଯାୟୀ ସେମାନଙ୍କୁ ଖଲାସ କରିବାର ପ୍ରଶ୍ନ ଉପରେ ନୂତନ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର : ଫୌଜଦାରୀ ଆବେଦନ ସଂଖ୍ୟା 641-652/2003 ।

ଅଧିକାର ପତ୍ର ଆବେଦନ ସଂଖ୍ୟା , 612, 224/2002, 284, 254/2001, 212, 122, 128, 59, 137, 121/2002 and 245/2001ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ 11.4.2002 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ସି. ଏସ୍. ଆଶ୍ରୀଙ୍କ ତରଫରୁ ଆର୍. ପି. ଗୁପ୍ତା, ଉଦୟ ଉମେଶ ଲଳିତ, ଆର୍. କେ. ରାଠୋର, ସାକେଶ କୁମାର, ସୁଶ୍ରୀ କାମାକ୍ଷୀ ଏସ୍. ମେହଲ୍ୱାଲ, ଏବଂ ଉପସ୍ଥିତ ପକ୍ଷଗୁଡ଼ିକ ପାଇଁ ଏସ୍. କେ. ସଭରୱାଲ, ବିଶ୍ୱଜିତ୍ ସିଂହ, ଡି. ଡି. ଭାର୍ଗବ, ୟୁ. ବି. ଚୌରାସିଆ, ଶିବ ସାଗର ତିୱାରୀ, ବି. ଏସ୍. ରାଜେଶ ରୋଶନ, ୱାଇ. କେ. ପ୍ରସାଦ, ବରିନ୍ଦର କୁମାର ଶର୍ମା ଉପସ୍ଥିତ ଥିଲେ ।

**ନ୍ୟାୟମୂର୍ତ୍ତି ୱାଇ. କେ. ସଭରୱାଲଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା । ଅନୁମତି ପ୍ରଦାନ କରାଗଲା ।

ଆକ୍ଷେପିତ ସାଧାରଣ ରାୟ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ଗୁଡ଼ିଏ ଅଧିକାର ପତ୍ର ଆବେଦନକୁ ଅନୁମତି ଦେଇଥିଲେ ଏବଂ 15 ଦିନ ମଧ୍ୟରେ ଦୁଇଜଣିଆ ଖଣ୍ଡପୀଠ ସମ୍ମୁଖରେ ଥିବା ସମସ୍ତ

ଆବେଦନକାରୀଙ୍କୁ କାରାଗାରରୁ ମୁକ୍ତ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱତନ୍ତ୍ର ଅନୁମତି ଆବେଦନ (ଫୌଜଦାରୀ) ସଂଖ୍ୟା 3759/02 ରୁ ଉତ୍ପନ୍ନ ଫୌଜଦାରୀ ଆବେଦନରେ ମୃତକ ଜିତେନ୍ଦ୍ରଙ୍କ ହତ୍ୟା ରେ ଭାରତୀୟ ଦଣ୍ଡ ସଂହିତାର ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିବା ରମେଶ କୁମାରଙ୍କୁ ମୁକ୍ତ କରିବାର ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ତାଙ୍କ ଭାଇ-ଅରବିନ୍ଦ ୟାଦବଙ୍କ ଦ୍ୱାରା ଆପତ୍ତି କରାଯାଇଛି ଏବଂ ଏପରି ଆପତ୍ତି ସେ , ନ୍ୟାୟାଳୟଙ୍କ ଦ୍ୱାରା  ଦାଖଲ ହୋଇଥିବା ସ୍ୱତନ୍ତ୍ର ଅନୁମତି ଆବେଦନକୁ ମଞ୍ଜୁର କରି ଚ୍ୟାଲେଞ୍ଜ କରିଛନ୍ତି।ସ୍ୱତନ୍ତ୍ର ଅନୁମତି ଆବେଦନ ସଂଖ୍ୟା 4397/02 ରୁ ଉତ୍ପନ୍ନ ଫୌଜଦାରୀ  ଆବେଦନରେ ରମେଶ କୁମାରଙ୍କ ସାମୟିକ ଖଲାସ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଆପତ୍ତି କରି ରାଜ୍ୟ ମଧ୍ୟ ଆବେଦନ ଦାଖଲ କରିଛନ୍ତି । ଅନ୍ୟ ଦୋଷୀମାନଙ୍କୁ ମୁକ୍ତ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶ ଏଥି ସହିତ ସଂଯୋଗ ଆବେଦନରେ କରାଯାଇଥିବା  ଆପତ୍ତି କରିବାର ବିଷୟ ଅଟେ ।

ଏହି ଅପରାଧ 1994 ମସିହାରେ ଘଟିଥିଲା । ଦୌରା ଅଦାଲତ, 26 ଅଗଷ୍ଟ, 1997 ତାରିଖରେ ଏହାର ରାୟ ଏବଂ ଆଦେଶ ଦ୍ୱାରା ରମେଶ କୁମାରଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 302 ଅନୁଯାୟୀ ଅପରାଧ ଘଟାଇଥିବାରୁ ଦୋଷୀ ସାବ୍ୟସ୍ତ କରିଥିଲେ । ରମେଶ କୁମାରଙ୍କ ଦ୍ୱାରା ତାଙ୍କ ଦଣ୍ଡାଦେଶକୁ ଆପତ୍ତି କରି ଦାଖଲ ହୋଇଥିବା ଆବେଦନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି ।ମଧ୍ୟପ୍ରଦେଶ ସର୍ତ୍ତମୂଳକ କଏଦୀ ଖଲାସ ଅଧିନିୟମ, 1954 ଏବଂ ଏହା ଅଧୀନରେ ଥିବା ନିୟମାବଳୀ ଅନୁଯାୟୀ ରମେଶ କୁମାରଙ୍କ ଦ୍ୱାରା କାରାଗାରରୁ ଖଲାସ ଦାବି କରାଯାଇଛି । ଏହି ଅଧିନିୟମ ଅନୁଯାୟୀ, ସାମୟିକ ଖଲାସ ଏକ ସୀମିତ ଅବଧି ପାଇଁ ନୁହେଁ ଏବଂ ଏହା ହେଉଛି ଦଣ୍ଡାଦେଶର ସମ୍ପୂର୍ଣ୍ଣ ଅବଧି ପାଇଁ ଉଦ୍ଦିଷ୍ଟ କିମ୍ବା ସାମୟିକ ଖଲାସର ଅବଧି ଯେ ପର୍ଯ୍ୟନ୍ତ ସମାପ୍ତ ନ ହୋଇଛି ଏହା ସେ ପର୍ଯ୍ୟନ୍ତ ଉଦ୍ଦିଷ୍ଟ । ଉକ୍ତ ଅଧିନିୟମ ଏବଂ ଏହାର ନିୟମାବଳୀ ଅନୁଯାୟୀ ସର୍ତ୍ତମୂଳକ ପରିଷଦ, ଦୋଷୀଙ୍କୁ ଖଲାସ କରିବା ପାଇଁ ସୁପାରିଶ କରିନଥିଲା ।ସର୍ତ୍ତମୂଳକ ଖଲାସ ପରିଷଦର  10 ଏପ୍ରିଲ, 2001 ତାରିଖର ଆଦେଶ ଏବଂ 25 ଏପ୍ରିଲ, 2001ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଦେଶକୁ ଦୋଷୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟ ରେ ଆଜ୍ଞାଦେଶ ଆବେଦନ ସଂଖ୍ୟା  4532/01 ରେ ଆପତ୍ତି  କରାଯାଇଥିଲା । ଜଣେ ବିଦ୍ୱାନ ଏକକ ନ୍ୟାୟମୁର୍ତ୍ତିଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଖାରଜ କରିଦିଆଯାଇଥିଲା, ଯେଉଁଥିରେ ଧରିନିଆ ଯାଇଥିଲା  ଯେ ଉକ୍ତ ପରିଷଦ ବାସ୍ତବ ପରିଦୃଶ୍ୟକୁ ଉଲ୍ଲେଖ କରିଥିଲେ ଏବଂ ଅନୁଧ୍ୟାନ କରିଥିଲେ ଯେ ଦୋଷୀ ଅନ୍ୟମାନଙ୍କ ସହିତ ମିଶି ଏହି ହତ୍ୟାକାଣ୍ଡର ପୂର୍ବ ଯୋଜନା କରିଥିଲେ  ଏବଂ ମରଣାନ୍ତକ ଅସ୍ତ୍ରଶସ୍ତ୍ର ଦ୍ୱାରା ମୃତକଙ୍କୁ ଅତ୍ୟନ୍ତ ନିର୍ମମ ଢଙ୍ଗରେ ହତ୍ୟା କରିଥିଲେ ଏବଂ ଯେଉଁ ଉପାୟରେ ହତ୍ୟା

କରାଯାଇଛି ତାହା 'ପୂର୍ବବର୍ତ୍ତୀ ଘଟଣାବଳୀ' ସହ ଜଡ଼ିତ । ଏହା ଧରିନିଆଗଲା ଯେ ପରଖ ମଣ୍ଡଳୀ ଦ୍ଵାରା ପାରିତ ଆଦେଶ ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ଥିଲା ଏବଂ ତାହା କୌଣସି ହସ୍ତକ୍ଷେପ ପାଇଁ ଲୋଡ଼ି ନଥିଲା, ତେଣୁ ସେହି ଅନୁଯାୟୀ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦିଆଗଲା ।

ଅଧିକାର ପତ୍ର ଆବେଦନକୁ ଅନୁମତି ପ୍ରଦାନ କରି ଆବେଦନରେ ଦିଆଯାଇଥିବା ଦୁଇଜଣିଆ ଖଣ୍ଡପୀଠଙ୍କ ରାୟରେ ଅନୁଧ୍ୟାନ କରାଗଲା ଯେ ଏହି ମତ ଯେ ଦୋଷୀଙ୍କୁ ଖଲାସ କରାଯିବ କି ନାହିଁ ତାହା ଅପରାଧ ପୂର୍ବବର୍ତ୍ତୀ ଘଟଣା ; ମାମଲାର ପରିସ୍ଥିତି, ଅପରାଧ ଠିକ ପରେ ଏବଂ କାରାଗାରରେ ଦୋଷୀଙ୍କର ଆଚରଣ ସହ ଦୋଷୀଙ୍କର କାରାଗାରରେ ପ୍ରବେଶ କରିବାର ପୂର୍ବବର୍ତ୍ତୀ ଘଟଣାବଳୀର ସମସ୍ତ ଦିଗର ଅନୁଧ୍ୟାନ ଉପରେ ଆଧାରିତ, କିନ୍ତୁ ଏଠାରେ କୌଣସି ଗୋଟିଏ ଦିଗ ନିଷ୍ପତ୍ତିମୂଳକ ହେବ ନାହିଁ କିମ୍ବା କୌଣସି ଗୋଟିଏ ଦିଗକୁ ଅଣଦେଖା କରାଯାଇ ପାରିବ ନାହିଁ , ତେଣୁ ଏଠାରେ ସମ୍ପୂର୍ଣ୍ଣ ଚିତ୍ର ପ୍ରାସଙ୍ଗିକ ଅଟେ । ଦୁଇଜଣିଆ ଖଣ୍ଡପୀଠ ଏହା ମଧ୍ୟ ଅନୁଧ୍ୟାନ କରିଛନ୍ତି ଯେ ମତ ଗଠନ ପାଇଁ ଏହା ମଧ୍ୟ ବିଚାର କରିବାକୁ ପଡ଼ିବ ଯେ ଯଦି ଦୋଷୀ ସର୍ତ୍ତମୂଳକ ଭାବେ ଖଲାସ ହୁଅନ୍ତି ସେ ଅପରାଧିକ କାର୍ଯ୍ୟ କଳାପରୁ ନିବୃତ୍ତ ହୋଇ ଶାନ୍ତି ପୂର୍ଣ୍ଣ ଜୀବନ ଯାପନ କରିବେ, କୌଣସି ଅପରାଧ ଘଟାଇବେ ନାହିଁ ଅପରାଧିକ ଜୀବନକୁ ଫେରି ଯିବେ ନାହିଁ ଏବଂ ଅପରାଧ ଘଟାଇବା ପାଇଁ ତାଙ୍କର କୌଣସି ସମ୍ଭାବନା ରହିବ ନାହିଁ । ଅନ୍ୟ ଯେଉଁ ଦିଗଗୁଡ଼ିକୁ ବିଚାରକୁ ନିଆଯାଇପାରିବ, ସେଗୁଡ଼ିକ ହେଲା ତାଙ୍କର ବୟସ, ତାଙ୍କ ସାମାଜିକ ଏବଂ ଆର୍ଥିକ ଅବସ୍ଥା, ପୀଡିତଙ୍କ ପରିବାର ସହିତ ସମ୍ପର୍କ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନୁରୂପ କାରଣଗୁଡ଼ିକୁ ବିଚାରକୁ ନେଇ, ଦୋଷୀ ଅଧିନିୟମର ପ୍ରାବଧାନ ଅନୁଯାୟୀ ଦଣ୍ଡାଦେଶ ଅବଧି ଶେଷ ହେବା ପୂର୍ବରୁ ସାମୟିକ ଭାବେ ଖଲାସ ହେବେ କି ନାହିଁ, ସେ ବିଷୟରେ ମତ ଗଠନ କରିବାକୁ ପଡ଼ିବ । ଉପରୋକ୍ତ ସିଦ୍ଧାନ୍ତରେ ପହଞ୍ଚିବା ପରେ, ବିଦ୍ୱାନ ଦୁଇଜଣିଆ ଖଣ୍ଡପୀଠ ଲକ୍ଷ୍ୟ କଲେ ଯେ ସମସ୍ତ ମାମଲାରେ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଦଣ୍ଡାଧିକାରୀ ଏବଂ ସର୍ତ୍ତମୂଳକ ଖଲସ ଅଧିକାରୀ ଉତ୍ତରଦାତା ସାମୟିକ ଭାବେ ଖଲାସ ହେବାକୁ ସୁପାରିଶ କରିଥିଲେ ଏବଂ ଆକ୍ଷେପିତ ରାୟର ଅନୁଚ୍ଛେଦ 10 ରେ ଲକ୍ଷ୍ୟ କଲେ ଯେ ଉକ୍ତ ପରିଷଦର ଅଣ-ସରକାରୀ ସଦସ୍ୟ ଦୋଷୀମାନଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ମଧ୍ୟ ସୁପାରିଶ କରିଥିଲେ ଏବଂ କୌଣସି ପରିସ୍ଥିତିରେ ପୀଡ଼ିତମାନଙ୍କ ସମ୍ପର୍କୀୟ ମାନେ ଦୋଷୀଙ୍କର ସର୍ତ୍ତମୂଳକ ଖଲାସକୁ ବିରୋଧ କରିନଥିଲେ ଏବଂ ଅତ୍ୟଧିକ ନିର୍ମମତାର ସହ ଅପରାଧ ଘଟାଯାଇଛି ବୋଲି ଏଠାରେ କୌଣସି ପ୍ରମାଣ ନାହିଁ । ଯେଉଁ ସମସ୍ତ ଆବେଦନକାରୀ ଅଧିକାର ପତ୍ର ଆବେଦନ ଦାଖଲ କରିଥିଲେ, ସେମାନଙ୍କୁ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେବାରେ ଦୁଇଜଣିଆ ଖଣ୍ଡପୀଠଙ୍କ ସମ୍ମୁଖରେ ଯେଉଁସବୁ କାରଣ ରହିଥିଲା,

ସେଗୁଡ଼ିକୁ ପୁନଃ ପଇଠ କରିବା ଏହି କ୍ଷେତ୍ରରେ ଉପଯୋଗୀ ହେବ, ଯେପରି ଆକ୍ଷେପିତ ରାୟର ଅନୁଚ୍ଛେଦ 10ରେ ରହିଛି, ଯାହାକୁ ନିମ୍ନରେ ଦିଆଗଲା :

> " ଉପରୋକ୍ତ ଉପସଂହାର ପହଞ୍ଚିବା ପରେ, ଆମେ ଏହି ଆବେଦନଗୁଡ଼ିକୁ ଧ୍ୟାନ ଦେଉଛୁ l ପରନ୍ତୁଷ୍ଟି ସକାଶେ ଏଠାରେ ତଥ୍ୟ ରଖାଯାଇପାରିବ ଯେ, କଏଦୀମାନଙ୍କ ବିରୁଦ୍ଧରେ ଅଭିଯୋଗ ଭାରତୀୟ ଦଣ୍ଡ ସଂହିତାର ଧାରା 302/307/394B/498A/325 ଇତ୍ୟାଦି ଅନୁଯାୟୀ ହୋଇଛି l
>
> ସେମାନେ କାରାଗାରରେ ବନ୍ଦୀ ହୋଇ ନିଜ ନିଜ ଦଣ୍ଡ ଭୋଗୁଛନ୍ତି l ସେମାନେ ସର୍ତ୍ତମୂଳକ ଖଲାସ ଅଧିନିୟମ 1954 ଅନୁଯାୟୀ ସାମୟିକ ଭାବେ ଖଲାସ ନିମିତ୍ତ ଆବେଦନ କରିବା ପାଇଁ ଯୋଗ୍ୟ ଅଟନ୍ତି l ସମସ୍ତ ମାମଲାରେ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଦଣ୍ଡାଧିକାରୀ ଏବଂ ସର୍ତ୍ତମୂଳକ ଖଲସ ଅଧିକାରୀମାନେ ଆବେଦନକାରୀ/ ଅପିଲକାରୀମାନଙ୍କୁ ଖଲାସ କରିବା ପାଇଁ ସୁପାରିଶ କରିଛନ୍ତି l ଅଧିକାର ପତ୍ର ଆବେଦନ ସଂଖ୍ୟା 255/2001 (ଅନିଲ କୁମାର ବନାମ ମଧ୍ୟ ପ୍ରଦେଶ ରାଜ୍ୟ), ଅଧିକାର ପତ୍ର ଆବେଦନ ସଂଖ୍ୟା 284/ 2001( ରାମରାଜ ବନାମ ମଧ୍ୟ ପ୍ରଦେଶ ରାଜ୍ୟ), ଅଧିକାର ପତ୍ର ଆବେଦନ ସଂଖ୍ୟା 304/2002( ମନୋହର ବନାମ ମଧ୍ୟ ପ୍ରଦେଶ ରାଜ୍ୟ) , ଅଧିକାର ପତ୍ର ଆବେଦନ ସଂଖ୍ୟା 6/2002( ରମେଶ କୁମାର ବନାମ ମଧ୍ୟ ପ୍ରଦେଶ ରାଜ୍ୟ ) , ଅଧିକାର ପତ୍ର ଆବେଦନ ସଂଖ୍ୟା 12 /2002( ମନୋହର ଏବଂ ଅନ୍ୟମାନେ ବନାମ ମଧ୍ୟ ପ୍ରଦେଶ ରାଜ୍ୟ ), ଅଧିକାର ପତ୍ର ଆବେଦନ ସଂଖ୍ୟା 59/2002 ହରି ( ଅନ୍ୟ ନାମ ) (ହରିଶ ଚନ୍ଦ ବନାମ ମଧ୍ୟ ପ୍ରଦେଶ ରାଜ୍ୟ), ଅଧିକାର ପତ୍ର ଆବେଦନ ସଂଖ୍ୟା 122/2002( ଘିସ୍ ଲାଲ୍ ବନାମ ମଧ୍ୟ ପ୍ରଦେଶ ରାଜ୍ୟ) , ଅଧିକାର ପତ୍ର ଆବେଦନ ସଂଖ୍ୟା 128 /2002(ରାଜ କୁମାର ବନାମ ମଧ୍ୟ ପ୍ରଦେଶ ରାଜ୍ୟ ), ଅଧିକାର ପତ୍ର ଆବେଦନ ସଂଖ୍ୟା 137/2002 ( ରାଜେଶ ଏବଂ ଅନ୍ୟମାନେ ବନାମ ମଧ୍ୟ ପ୍ରଦେଶ ରାଜ୍ୟ ) ଗୁଡ଼ିକରେ ଅଣ-ସରକାରୀ ସଦସ୍ୟ ମଧ୍ୟ ସେମାନଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ସୁପାରିଶ କରିଛନ୍ତି l କୌଣସି ପରିସ୍ଥିତିରେ, ପୀଡିତମାନଙ୍କ ସମ୍ପର୍କୀୟମାନେ ଦୋଷୀମାନଙ୍କ ଖଲାସକୁ ବିରୋଧ କରିନାହାଁନ୍ତି ବରଂ, କେତେକ ମାମଲାରେ, ଅଧିକାର ପତ୍ର ଆବେଦନ ସଂଖ୍ୟା 224/ 2001ରେ ( ଶଂଭୁ ପ୍ରସାଦ ଅନ୍ୟ ନାମ ଚୂଟା ବନାମ ମଧ୍ୟ ପ୍ରଦେଶ ରାଜ୍ୟ ) ଶ୍ରୀମତି. ସୋନିଆ (ମୃତ ବ୍ୟକ୍ତିଙ୍କ ପତ୍ନୀ) ଶ୍ରୀ ରାମାନୁଜ (ମୃତ ବ୍ୟକ୍ତିଙ୍କ ପୁଅ) ଏବଂ ଶ୍ରୀ ବ୍ରଜୱାସୀ (ମୃତ ବ୍ୟକ୍ତିଙ୍କ ଭାଇ) ଦୋଷୀଙ୍କର ସର୍ତ୍ତମୂଳକ ଖଲାସ ସମର୍ଥନ କରିଛନ୍ତି ଏବଂ ସହ

ଅପରାଧୀ ଭଗୱାନଦିନଙ୍କୁ ରାଜ୍ୟ ସରକାରଙ୍କର ଦ୍ୱାରା ସେବେ ଠାରୁ ସର୍ତ୍ତମୂଳକ ଭାବେ ଖଲାସ କରାଯାଇଛି । ସେହିପରି ଅଧିକାର ପତ୍ର ଆବେଦନ ସଂଖ୍ୟା 255 / 2001 (ଅନୀଲ କୁମାର ବନାମ ମଧ୍ୟ ପ୍ରଦେଶ ରାଜ୍ୟ) ମାମଲାରେ ସହ ଅପରାଧୀ ଶ୍ୟାମଲାଲ, ଯାହାଙ୍କ କାରଣରୁ ଝଗଡ଼ା ଆରମ୍ଭ ହୋଇଥିଲା, ତାଙ୍କୁ ମଧ୍ୟ ସର୍ତ୍ତମୂଳକ ଭାବେ ଖଲାସ କରାଯାଇଛି । ଅଧିକାର ପତ୍ର ଆବେଦନ ସଂଖ୍ୟା 237/2001 (ମଖନ୍ ବନାମ ମଧ୍ୟ ପ୍ରଦେଶ ରାଜ୍ୟ) ମାମଲାରେ, ଗ୍ରାମ ପଞ୍ଚାୟତ ବାଟୋରୀର ସର୍ପଞ୍ଚଙ୍କ ସମ୍ମୁଖରେ ସର୍ତ୍ତମୂଳକ ଖଲାସ ନିମିତ୍ତ ଦସ୍ତାବିଜ ନିଷ୍ପାଦିତ କରି ସର୍ତ୍ତମୂଳକ ଭାବେ କଏଦୀଙ୍କୁ ଖଲାସ କରିବା ଉପରେ ମୃତକଙ୍କ ପୁଅ କୌଣସି ଆପତ୍ତି ଉଠାଇନଥିଲେ ।ଏହି ସମସ୍ତ ମାମଲାରେ, ଅଭିଯୁକ୍ତମାନଙ୍କ ମଧ୍ୟରୁ କେହି ଅନ୍ୟ କୌଣସି ଅପରାଧରେ ସମ୍ପୃକ୍ତ ଥିବା କିମ୍ବା ଏହି ସବୁ ଆବେଦନଗୁଡ଼ିକରେ ସମ୍ପୃକ୍ତ ଅପରାଧ ଘଟାଇବା ପୂର୍ବରୁ ଅପରାଧିକ ଜୀବନ ବିତାଇଥିବାର କୌଣସି ପ୍ରମାଣ ନାହିଁ ।**ଅଭ୍ୟାସଗତ** ଭାବରେ କରାଯାଇଥିବା ଅପରାଧଗୁଡ଼ିକର ଅତ୍ୟନ୍ତ ନିର୍ମମତା କୌଣସି ପ୍ରମାଣ ନାହିଁ, କିମ୍ବା ଅପରାଧ ଘଟାଇବା ଏବଂ କାରାଗାରରେ ରହିବା ପରେ କୌଣସି ମନ୍ଦ ଘଟଣାର ପ୍ରମାଣ ନାହିଁ । କୌଣସି ବ୍ୟକ୍ତି, ସମ୍ପର୍କୀୟ କିମ୍ବା ସାକ୍ଷୀଙ୍କ ଠାରୁ କଏଦୀଙ୍କ ଦ୍ୱାରା ଅପରାଧର ପୁନରାବୃତ୍ତି, ହିଂସା ସୃଷ୍ଟି କରିବା, ଶାନ୍ତି ଭଙ୍ଗ କରିବାର ପ୍ରବୃତ୍ତି, କିମ୍ବା ଅପରାଧର ଅସ୍ୱାଭାବିକତା ଏପରି କିଛି ସାମାନ୍ୟ ଅଭିଯୋଗ ନାହିଁ ଯାହା ସମାଜକୁ ପ୍ରଭାବିତ କରିବାର ସମ୍ଭାବନା ଅଛି ।

ଉଚ୍ଚ ନ୍ୟାୟାଳୟ ପ୍ରତ୍ୟେକ ମାମଲାର ତଥ୍ୟକୁ ଯାଞ୍ଚ କରିନଥିଲେ । ଏକ ସାମୂହିକ ରାୟ ଦ୍ୱାରା, ବ୍ୟକ୍ତିଗତ ମାମଲାର ତଥ୍ୟ ଯାଞ୍ଚ ନକରି ଉଚ୍ଚ ନ୍ୟାୟାଳୟ ଧରି ନେଲେ ଯେ ଜିଲ୍ଲା ଦଣ୍ଡାଧିକାରୀ, ଆରକ୍ଷୀ ଅଧୀକ୍ଷକ ଏବଂ ପଞ୍ଚାୟତ ଅଭିଯୁକ୍ତ ମାନଙ୍କର ସର୍ତ୍ତମୂଳକ ଖଲାସ ନିମିତ୍ତ ସୁପାରିଶ କଲେ କିନ୍ତୁ ଉକ୍ତ ପରିଷଦ କୌଣସି କାରଣ ଉଲ୍ଲେଖ ନ କରି ଏହି ସୁପାରିଶକୁ ଗ୍ରହଣ କଲେ ନାହିଁ ଏବଂ ରାଜ୍ୟ ସରକାର ଉକ୍ତ ପରିଷଦର ଆଦେଶକୁ ଗ୍ରହଣ କଲେ ଏବଂ ଉକ୍ତ ପରିଷଦର ଆଦେଶକୁ ଗ୍ରହଣ କରି ରାଜ୍ୟ ସରକାରଙ୍କ ଆଦେଶରୁ ଏଠାରେ କୌଣସି ବୁଦ୍ଧି ପ୍ରୟୋଗ କରାଯାଇନଥିବାର ଏବଂ ମନମୁଖୀ କାର୍ଯ୍ୟ କରାଯାଇଥିବାର ଅଭିଯୋଗ ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ;ଆହୁରି ମଧ୍ୟ, ଯେହେତୁ ନୂତନ ବିଚାର ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ମାମଲାଟିକୁ ପୁନଃ ପ୍ରେରଣ କରାଯିବା ଦ୍ୱାରା ଯଥେଷ୍ଟ ବିଳମ୍ବ ହୋଇଥାନ୍ତା ଏବଂ ଦୋଷୀମାନଙ୍କ ପ୍ରତି ଆହୁରି ଅଧିକ ଅନ୍ୟାୟ ହୋଇଥାନ୍ତା , ତେଣୁ ରାଜ୍ୟ ସରକାରଙ୍କ ନିକଟକୁ ମାମଲାଟିକୁ ପୁନଃ ପ୍ରେରଣ କରିବା

ପରିବର୍ତ୍ତେ , ଅଧିକାର ପତ୍ର ଆବେଦନଗୁଡ଼ିକରେ ଉଚ୍ଚ ନ୍ୟାୟାଳୟ ଏକ ସମାବିଷ୍ଟ ଆଦେଶରେ ପ୍ରତ୍ୟେକ  ଆବେଦନକାରୀମାନଙ୍କର ଖଲାସ ନିମିତ୍ତ ନିର୍ଦ୍ଦେଶ ଦେଲେ ।

ଆମେ ଉଚ୍ଚ ନ୍ୟାୟାଳୟ ଙ୍କ ଆକ୍ଷେପିତ ରାୟକୁ ବଜାୟ ରଖିବାରେ ଅସମର୍ଥ ।ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଥିବା ପ୍ରତ୍ୟେକ ଦୋଷୀ ଗୁରୁତର ଅପରାଧ ଘଟାଇଥିବାର ଦୋଷରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଦୋଷୀମାନଙ୍କ ବିରୋଧରେ ଅଭିଯୋଗ,  ଭାରତୀୟ ଦଣ୍ଡ ସଂହିତାର ଧାରା 302/307/394/304B/498A/325 ଅନୁଯାୟୀ ଥିଲା ଏବଂ ଦୋଷୀମାନେ କାରାଗାରରେ ନିଜ ନିଜ ଦଣ୍ଡ ଭୋଗୁଥିଲେ ବୋଲି ଆକ୍ଷେପିତ ରାୟରେ ଦର୍ଶାଯାଇଛି ।ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଥିବା ସମସ୍ତ ମାମଲାରେ, ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସର୍ତ୍ତମୂଳକ ଖଲାସ ପରିଷଦର ସୁପାରିଶ ଦୋଷୀମାନଙ୍କୁ ମୁକ୍ତ କରିବା ବିରୁଦ୍ଧରେ ଥିଲା ।ଯଦି ପ୍ରାସଙ୍ଗିକ ବିଚାର ପାଇଁ କୌଣସି ବୃଦ୍ଧି ପ୍ରୟୋଗ କରାଯାଇନଥାନ୍ତା, ତେବେ ଏହି କ୍ଷେତ୍ରରେ ଅନ୍ୟ ଉପଯୁକ୍ତ ଉପାୟ ଏହା ହୋଇଥାନ୍ତା ଯେ ଯଦି ଅନ୍ୟଥା ଏହା ଦୃଢ ଯୁକ୍ତିଯୁକ୍ତ କାରଣ ଥିବା ଏକ ଅସାଧାରଣ ମାମଲା ନୁହେଁ ତେବେ କର୍ତ୍ତୃପକ୍ଷ ମାନଙ୍କ ଦ୍ୱାରା ଏହାର ନୂତନ ନିଷ୍ପତ୍ତି ପାଇଁ ଏହାକୁ ପୁନଃପ୍ରେରଣ କରାଯାଇଥାନ୍ତା , ତେଣୁ ଉଚ୍ଚ ନ୍ୟାୟାଳୟ ସ୍ୱୟଂ ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ଯାଞ୍ଚ କରିଥିବେ ଏବଂ ଖଲାସକୁ ପ୍ରତ୍ୟାଖ୍ୟାନ କରିଥିବା ଆଦେଶକୁ ରଦ୍ଦ କରିଥିବେ । ଉଚ୍ଚ ନ୍ୟାୟାଳୟ ଏହି ଉପାୟକୁ ଗ୍ରହଣ କରିବା ପରିବର୍ତ୍ତେ, ଏହା ଏକ ସାଧାରଣ ଅନୁଧ୍ୟାନ କରିଛନ୍ତି ଯେ ନୂତନ ବିଚାର ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ମାମଲା ପୁନଃପ୍ରେରଣ ଦ୍ୱାରା ଦୋଷୀମାନଙ୍କ ପ୍ରତି ଆହୁରି ଅନ୍ୟାୟ କରିବ ।

ଆକ୍ଷେପିତ ରାୟରେ ତଥ୍ୟଗତ ଦୁର୍ବଳତା ଥିବା ତଥ୍ୟ ବ୍ୟତୀତ, ଏହା ମଧ୍ୟ ଧ୍ୟାନରେ ରଖିବାକୁ ହେବ ଯେ ପୀଡ଼ିତ ଏବଂ ଦୋଷୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପୀଡିତାଙ୍କ ପରିବାରର ମଧ୍ୟ କିଛି ଅଧିକାର ରହିଛି । ଦୋଷୀମାନଙ୍କୁ ଖଲାସ କରିବାର ସେମାନଙ୍କର କୌଣସି ଅଖଣ୍ଡନୀୟ ଅଧିକାର ନାହିଁ । ଏହି ଅଧିକାରକୁ କେବଳ ଉକ୍ତ ଅଧିନିୟମ ଏବଂ ତାହାର ନିୟମାବଳୀ ଅନୁଯାୟୀ ଦୋଷୀମାନଙ୍କୁ ସାମୟିକ ଭାବରେ ଖଲାସ  କରିବା ପାଇଁ ବିଚାର କରାଯିବ । ଜଣେ ଦୋଷୀଙ୍କୁ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେବା କିମ୍ବା ପ୍ରତ୍ୟାଖ୍ୟାନ କରିବା ପୂର୍ବରୁ ପରଖ ମଣ୍ଡଳୀ ଏବଂ ରାଜ୍ୟ ସରକାର ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ବିଚାରକୁ ନେବା ଆବଶ୍ୟକ । ବର୍ତ୍ତମାନର ମାମଲାରେ, ପରଖ ମଣ୍ଡଳୀ ଖଲାସ ପାଇଁ ସୁପାରିଶ କରିନଥିଲେ । ରାଜ୍ୟ ସରକାର ଉକ୍ତ ପରିଷଦର ଆଦେଶକୁ ସୁନିଶ୍ଚିତ କରିଥିଲେ ।ବିଦ୍ୱାନ ଏକକ ବିଚାରପତିଙ୍କ ସମ୍ମୁଖରେ ଆଜ୍ଞାଦେଶ ଆବେଦନ ବିଫଳ ହୋଇଥିଲା ।

ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ବ୍ୟକ୍ତିଗତ ମାମଲାଗୁଡ଼ିକର ତଥ୍ୟକୁ ବିଚାର କରାଯାଇନଥିଲା । ରମେଶ କୁମାରଙ୍କ ମାମଲାରେ, ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଥିଲା ଯେ ସେ ଅନ୍ୟମାନେ ଛଅ ଜଣଙ୍କ ସହ ମିଶି ଏକ ବେଆଇନ ଜନ ସମାବେଶ ଗଠନ କରିଥିଲେ ଏବଂ 20 ସେପ୍ଟେମ୍ବର, 1994ରେ ମଧ୍ୟପ୍ରଦେଶର ହୋସାଙ୍ଗାବାଦରେ ଶଶି ମୋହନ ଯାଦବଙ୍କ ପୁଅ ଜିତେନ୍ଦ୍ରଙ୍କୁ ହତ୍ୟା କରିଥିଲେ, ଯେଉଁଥିରେ ତାଙ୍କ ଉପରେ ଖଣ୍ଡା, ଛୁରୀ ଏବଂ ଗୁପ୍ତିରେ 17ଟି ଆଘାତ ହୋଇଥିଲା ଏବଂ ରମେଶ କୁମାର ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ଅଧୀନରେ ଦାଖଲ ହୋଇଥିବା 14ଟି ମାମଲାରେ ଅଭିଯୁକ୍ତ ଥିଲେ।ଅପରାଧ ଘଟାଇବାର ଶୈଳୀ ହେଉଛି ଏକ ପ୍ରାସଙ୍ଗିକ ବିଚାର । ଏକ ପ୍ରଦତ୍ତ ମାମଲାରେ, ଯେହେତୁ ଅପରାଧ ଘଟାଇବାର ଶୈଳୀ ଏତେ ନିର୍ମମ ଥିଲା ଯେ ଦୋଷୀଙ୍କୁ ସାମୟିକ ଭାବେ ଖଲାସ କରିବା ନିମିତ୍ତ ପ୍ରତ୍ୟାଖ୍ୟାନ କରିବା ପାଇଁ ଏହା ଏକ ଉତ୍ତମ ଏକମାତ୍ର ଆଧାର ହୋଇପାରେ । ସର୍ତ୍ତମୂଳକ ଖଲାସ ନିୟମାବଳୀରେ ଖଲାସ ନିମିତ୍ତ ହୋଇଥିବା ଆବେଦନ ଉପରେ ବିଚାର କରିବା ପାଇଁ ବିସ୍ତୃତ ପ୍ରକ୍ରିୟା ପ୍ରଦାନ କରାଯାଇଛି । ଥରେ ପ୍ରତ୍ୟାଖ୍ୟାନ ହୋଇଗଲେ, ଦୁଇ ବର୍ଷ ପରେ ପୁଣିଥରେ ଖଲାସ ପାଇଁ ଆବେଦନ କରାଯାଇପାରିବ । ଉକ୍ତ ପରିଷଦରେ ରାଜ୍ୟ ସରକାରଙ୍କ ଗୃହସଚିବ କିମ୍ବା ଅନ୍ୟ କୌଣସି କ୍ଷମତାପ୍ରାପ୍ତ ଅଧିକାରୀ, ଆଇ. ଜି. କିମ୍ବା ଡେପୁଟି ଆଇ. ଜି. କାରାଗାର ଏବଂ ଅନ୍ୟ ଜଣେ ସଦସ୍ୟ ରହିଛନ୍ତି ।

ରମେଶ କୁମାରଙ୍କ ମାମଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠରେ ଏହା ମଧ୍ୟ କୁହାଯାଇଛି ଯେ ସେ 8 ବର୍ଷରୁ କମ୍ ସମୟ କାରାଦଣ୍ଡ ଭୋଗୀ ଉଚ୍ଚ ନ୍ୟାୟାଳୟ ଙ୍କ ଆକ୍ଷେପିତ ଆଦେଶ ଅନୁଯାୟୀ ଖଲାସ ହୋଇଛନ୍ତି ଏବଂ କାରାଗାରରୁ ମୁକ୍ତ ହେବା ପରେ ସେ ଲୋକଙ୍କୁ ଭୟଭୀତ କରୁଛନ୍ତି । ଆବେଦନକାରୀଙ୍କ ସ୍ଥିତି ହେଉଛି ଯେ ତାଙ୍କୁ କିମ୍ବା ପୀଡ଼ିତଙ୍କ ପରିବାରର ଅନ୍ୟ କୌଣସି ସଦସ୍ୟଙ୍କୁ କୌଣସି ସୂଚନା ଜାରି କରାଯାଇ ନଥିଲା, ତେଣୁ ଦୋଷୀଙ୍କ ମୁକ୍ତିକୁ ବିରୋଧ କରିବାରେ ପୀଡ଼ିତଙ୍କ ପରିବାର ପାଇଁ କୌଣସି ସୁଯୋଗ ନଥିଲା । ତେଣୁ, ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଜାରି କରାଯାଇଥିବା ବିଚାର କରି ଉଚ୍ଚ ନ୍ୟାୟାଳୟ ମଧ୍ୟ ତଥ୍ୟଗତ ଭୁଲ କରିଥିଲେ । ପ୍ରତ୍ୟେକ ପରିସ୍ଥିତିରେ ତଥ୍ୟଗୁଡିକ ପୃଥକ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ ଯାହା କରାଯାଇ ନଥିଲା । ଏକ ପ୍ରଦତ୍ତ ମାମଲାରେ, କେବଳ ପୀଡ଼ିତାଙ୍କ ପରିବାର ସଦସ୍ୟମାନେ ଖଲାସକୁ ବିରୋଧ କରୁନଥିବାର କିମ୍ବା ସମର୍ଥନ କରୁଥିବାର ଆଧାର, ଦୋଷୀଙ୍କ ଖଲାସ ନିମିତ୍ତ ନିର୍ଦ୍ଦେଶ ଦେବା ପାଇଁ ଯଥେଷ୍ଟ ହୋଇନପାରେ । ଅନ୍ୟ ଏକ କ୍ଷେତ୍ରରେ, ଏହା ସ୍ୱୟଂ ଏକ ସୁଦୃଢ କାରଣ ହୋଇପାରେ । ଜଣେ ସହ ଅପରାଧୀକୁ ପୁଣି ଥରେ ଖଲାସ କରାଯିବାର ଆଧାର ସ୍ୱୟଂ ହିଁ, ନିର୍ଣ୍ଣାୟକ ହୋଇନପାରେ । ସଂକ୍ଷେପରେ ପ୍ରତ୍ୟେକ ମାମଲାର ତଥ୍ୟ

ଏବଂ ପରିସ୍ଥିତିକୁ ବ୍ୟକ୍ତିଗତ ଭାବରେ ବିଚାରକୁ ନେବାକୁ ପଡିବ । ସେହିପରି, ପରିଷଦର ଜଣେ ସଦସ୍ୟ କିମ୍ବା ଜିଲ୍ଲା ଦଣ୍ଡାଧିକାରୀ କିମ୍ବା ଆରକ୍ଷୀ ଅଧୀକ୍ଷକ କିମ୍ବା ପଞ୍ଚାୟତ ଖଲାସ ପାଇଁ ସୁପାରିଶ କରିଥିବାର ତଥ୍ୟର କୌଣସି ଫଳାଫଳ ନାହିଁ । ଏହି ସୁପାରିଶ ବୋର୍ଡର ଏବଂ ବ୍ୟକ୍ତିଗତ ସଦସ୍ୟଙ୍କର ନୁହେଁ ଏବଂ ସମସ୍ତ ପ୍ରାସଙ୍ଗିକ କାରକକୁ ଦୃଷ୍ଟିରେ ରଖି ନିର୍ଣ୍ଣୟ ନେବାକୁ ପଡିବ । ରାଜ୍ୟ ସରକାର ଏବଂ ପରିଷଦ , କେବଳ ଦୋଷୀଙ୍କ ଆଚରଣକୁ ବିଚାରକୁ ନେବେ ତା ନୁହେଁ, ଦୋଷୀଙ୍କ ପୂର୍ବବର୍ତ୍ତୀ ଅପରାଧିକ ଘଟଣା, ପୀଡ଼ିତ କିମ୍ବା ସେମାନଙ୍କ ପରିବାର ଉପରେ ଏପରି ଖଲାସର ପ୍ରଭାବ; ଦୋଷୀଙ୍କ ଆହୁରି ଅଧିକ ଅପରାଧ ଘଟାଇବାର ପ୍ରବୃତ୍ତି ଏବଂ ପ୍ରାସଙ୍ଗିକ ବୋଲି ବିବେଚନା କରାଯାଉଥିବା ଅନ୍ୟାନ୍ୟ ଅନୁରୂପ କାରକଗୁଡ଼ିକ ମଧ୍ୟ ବିଚାରକୁ ନେବାକୁ ପଡ଼ିବ । କେବଳ ଅନ୍ୟ ଏକ ଦୃଷ୍ଟିକୋଣ ସମ୍ଭବ ହେତୁ ରାଜ୍ୟ ସରକାରଙ୍କ ଆଦେଶରେ ହସ୍ତକ୍ଷେପ କରାଯାଇପାରିବ ନାହିଁ ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଆମେ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ରାୟକୁ ବଜାୟ ରଖିବାରେ ଅସମର୍ଥ । ସେହି ଅନୁଯାୟୀ ଏହାକୁ ରଦ୍ଦ କରାଯାଇଛି ।

ଉଚ୍ଚ ନ୍ୟାୟାଳୟ କିମ୍ବା ଏହି ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ଯୋଗ୍ୟତା ଉପରେ କୌଣସି ଅନୁଧ୍ୟାନ ଦ୍ୱାରା ପ୍ରଭାବିତ ନହୋଇ ଆଇନ ଅନୁଯାୟୀ ଦୋଷୀମାନଙ୍କୁ ଖଲାସ କରିବାର ପ୍ରଶ୍ନ ଉପରେ ନୂତନ ନିଷ୍ପତ୍ତି ନେବାକୁ ଆମେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଉଛୁ । ଆକ୍ଷେପିତ ରାୟ ଅନୁଯାୟୀ ଖଲାସ ହୋଇଥିବା ଦୋଷୀମାନଙ୍କୁ ତୁରନ୍ତ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ବିଫଳ ହେଲେ ସେମାନଙ୍କୁ ପୁଣି ଥରେ ହାଜତକୁ ନେବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ । ଯେତେବେଳେ ଦୋଷୀମାନେ ହାଜତରେ ଥିବା ଅବସ୍ଥାରେ ଅବଶିଷ୍ଟ ଦଣ୍ଡ ଭୋଗୁଥିବା ସମୟରେ, ରାଜ୍ୟ ସରକାର ସେମାନଙ୍କୁ ଖଲାସ କରିବାର ମାମଲାକୁ ନୂତନ ରୂପରେ ବିଚାର କରିବେ । ଦୋଷୀମାନଙ୍କ ଆତ୍ମସମର୍ପଣ/ଗିରଫ ପରେ ରାଜ୍ୟ ସରକାର ଦୁଇ ମାସ ମଧ୍ୟରେ ସେମାନଙ୍କ ମାମଲାର ନିଷ୍ପତ୍ତି ନେବେ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା ।

ଏସ୍. କେ. ଏସ୍.    ଆବେଦନଗୁଡ଼ିକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।